# ଗ୍ରାମୀଣ କୃଷି ମୌସମ ସେବା

**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର**
**ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧**
**(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)**

**ପତ୍ରିକା ସଂଖ୍ୟା-୦୭/୨୪**

**ଜିଲ୍ଲା-ଯାଜପୁର** **ତା.୨୪.୦୧.୨୦୨୪**

**ପାଣିପାଗ ପୂର୍ବାନୁମାନ (ତା. ୨୯.୦୧.୨୦୨୪ ପର୍ଯ୍ୟନ୍ତ)-:**ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ , ଜିଲ୍ଲାରେ ଗୋଟିଏ ଦିନ ପାଇଁ ହାଲୁକା ବର୍ଷା ଏବଂ ଶେଷ ୪ ଦିନ ପାଇଁ ଶୁଖିଲା ପାଗ ସହିତ ଶୁଷ୍କ ଏବଂ ମେଘୁଆ ଆକାଶ ହେବାର ସମ୍ଭାବନା ରହିଛି | ପବନର ବେଗ ଘଣ୍ଟା ପ୍ରତି ୦୫-୦୯ କିଲୋମିଟର ମଧ୍ୟରେ ରହିବାର ସମ୍ଭାବନା ଅଛି | ଆସନ୍ତା ପାଞ୍ଚ ଦିନ ପାଇଁ ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୧-୨୮°C ଏବଂ ୧୩-୧୫°C ରହିବାର ସମ୍ଭାବନା ଅଛି।

## ପାଣିପାଗଭିତ୍ତିକ କୃଷି ଉପଦେଶ

- **ରବି ଫସଲ ପାଇଁ ଖାଲ ଜମିରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ପନିପନିରିବା ଓ ଧାନ ତଳିଘଳିରାକୁ ପଲିଥି ଦ୍ୱାରା ଘୋଡାଇ ଦିଅନ୍ତୁ ଓ ଜଳନିଷ୍କାସନର ବ୍ୟବସ୍ଥା କରନ୍ତୁ ।**

**ଖରିଫ ଧାନ**

- ଯଦି ଗଚ୍ଛିତ ଶସ୍ୟ ସଂକ୍ରମଣ ହୁଏ , ତେବେ ଆଲୁମିନିୟମ୍ ଫସଫାଇଡ୍ ଟାବଲେଟ୍ @ 3 ଟାବଲେଟ୍ / ଟନ୍ ଧାନକୁ ଯଥେଷ୍ଟ ବାୟୁ ଟାଇଟ୍ ପାତ୍ରରେ ବ୍ୟବହାର କରି କିମ୍ବା ଫାଙ୍କ ନ ରଖି ମୋଟା ଟାରପାଉଲିନ୍ ଦ୍ୱାରା ଘୋଡାଇ ନିଅନ୍ତୁ | ଟ୍ୟାବଲେଟଗୁଡ଼ିକୁ ଷ୍ଟାକରେ ରଖିବା ପୂର୍ବରୁ ସୂତା ଥଳିରେ ଗୁଡ଼ାଇ ରଖିବା ଉଚିତ, ଯାହା ଫ୍ୟୁମିଗେସନ୍ ସମାପ୍ତ କରିବା ପରେ ଅବଶିଷ୍ଟାଂଶକୁ ପରିତ୍ୟାଗ କରିବାରେ ସାହାଯ୍ୟ କରେ |

**ଖରାଟିଆ ଧାନ**

- ଧାନ ବିହନକୁ ବିଶୋଧନ କରି ( ୧ କେଜି ବିହନ ପ୍ରତି ୨ ଗ୍ରାମ କାରବେଣ୍ଡାଜିମ ବା କାରବୋକ୍ସିନ + ଥିରାମ ) ତଳି ପ୍ରସ୍ତୁତ କରନ୍ତୁ ।

**ମୁଗ ଓ ବିରି**

- ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଶୋଷକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି 5 ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫ.ଏସ. ମିଶାଇ ବିଶୋଧନ କରନ୍ତୁ ।
- ବିହନ ବୁଣିବା ଦିନ ପ୍ରତି କିଗ୍ରା ବିହନରେ , ୨୦ ଗ୍ରାମ ରାଇଜୋବିୟମ ଜୀବାଣୁ କଲଚର ସହିତ ଗୋଳାଇ ଛାଇରେ ଶୁଖାଇ ଜମି ରେ ବୁଣନ୍ତୁ। ଧାଡି କୁ ଧାଡି ବ୍ୟବଧାନ ୨୫ ସେ.ମି. x ୧୦ ସେ.ମି. ରଖନ୍ତୁ ।
- ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ।

**ସୋରିଷ/ତୋରିଆ-**

- ସୋରିଷରି ଫସଲ ବର୍ତମାନ ଫୁଲ ଫୁଟିବା ଅବସ୍ଥାରେ ଅଛି । ବିଗତ ଦିନରେ ହୋଇଥିବା ବର୍ଷା ଯୋଗୁଁ , ଅତ୍ୟଧିକ ଆର୍ଦ୍ରତା ଏବଂ କମ୍ ତାପମାତ୍ରା ହେତୁ ସୋରିଷରି ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆମାଛି ଲାଗିବାର ସମ୍ଭାବନା ରହିଛି। ଏହାର ପରିଚାଳନାପାଇଁ ଏକର ପ୍ରତି ୨୦୦-ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ୨୦୦ ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ ।
- ବର୍ତ୍ତମାନ ସମୟରେ ସୋରିଷରି ଫସଲରେ ଜଉ ପୋକ ଏବଂ ଚିତ୍ରିଚିତ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକି ପରିଚାଳନାପାଇଁଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ । ରାସାୟନକି ଉପାୟରେ ଜଉ ପୋକ ଏବଂ ଚିତ୍ରିଚିତତ୍ରି ବଗ କୀଟ ର ପରିଚା ରି ଳନାପାଇଁଏକର ପ୍ରତି ୪୦ ଗ୍ରାମ Thiomethoxamନାମକ କୀଟନାଶକ କିମ୍ବା କି ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା କି ୬୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇସିଂ ଚନ କରନ୍ତୁ ।
- ଫସଲରେ ପତ୍ରଛନ୍ଦା ଓ ଧୂଆଁପତ୍ର ଗୋଟି ପୋକ ଆକ୍ରମଣ ପରିଲକ୍ଷିତ ହେଲେ ଏମାମେକ୍ଟିନ ବେଞ୍ଜୋଏଟ ଲିଟର ପାଣି ପ୍ରତି ୦.୪ ଗ୍ରାମ କିମ୍ବା ୮୦ ଗ୍ରାମ ପ୍ରତି ଏକର ପ୍ରୟୋଗ କରନ୍ତୁ । ଜଉ ପୋକର ପ୍ରାଦୁର୍ଭାବ ଅଧିକ ହେଲେ ୧ ଲିଟର ପାଣି ପ୍ରତି ୦.୩ ଗ୍ରାମ ଫ୍ଲୋନିକନିଡ ପତ୍ର ସିଂଚନ କରନ୍ତୁ ।

**ପନିପରିବା-**

**କୋବି ଜାତୀୟ ପନିପରିବା** : ମୁଖ୍ୟ ଜମିରେ ରୁଆ ଯାଇଥିବା ଫୁଲ କୋବି ୫ -୮ ସପ୍ତାହ ଅବସ୍ଥାରେ ଅଛି।ଫୁଲ କୋବି ଫସଲରେ ସାଧାରଣତଃ ବୋରନ ଅଣୁସାର ଅଭାବ ଦେଖାଦେଲେ କୋବି ଗଛ ର କାଣ୍ଡ , ପତ୍ର ଉପରେ ପାଣି ଭିଜା ହାଲୁକା ରୁ ଧୂସର ରଙ୍ଗର ଦାଗମାନ ଦେଖାଯାଏ । ଏହା ବ୍ୟତୀତ କାଣ୍ଡ ଫମ୍ପା ହୋଇଥାଏ । ଫୁଲ ଉପରେ ମଧ ଅନୟିମିତ ପାଣିଭିଜା ଦାଗମାନ ଦେଖାଯାଏ ଏବଂ ଫୁଲ କ୍ରମଶଃ ଧୂସର ବାଦାମୀ ରଙ୍ଗର ହୋଇଥାଏ । ଫୁଲ ଛୋଟ ହେବା ତେଣୁକୋବି ଫସଲରେ ବୋରନ ଅଣୁସାର ର ଅଭାବ ଜନିତ ଗଠନଗତ ସମସ୍ୟା ର ପରିଚାଳନାପାଇଁଏକର ପ୍ରତି ୪-କିଲୋଗ୍ରାମବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରିନଥିଲେ ଚାରାରୋପଣର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବ ରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ Borax କିମ୍ବା ୧-୧.୫ ଗ୍ରାମ Folibor କିମ୍ବା କି Solubor ମିଶାଇ ପତ୍ର ଉପରେ ସିଞ୍ଚସିନ କରନ୍ତୁ ।

- କୋବି ଫସଲ ରେ ନିମ୍ନମୁଖି ପତ୍ରପୋଡା ରୋଗ ଦେଖାଗଲେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପଟାଶ ସାର ଏକର ପ୍ରତି 10kg ପ୍ରୟୋଗ କରନ୍ତୁ କିମ୍ବା ( Metalaxyl 4%+Mancozeb )64%WP (Ridomil gold) lit ପ୍ରତି 2.5gm କିମ୍ବା Tebuconazole 50%+Trifloxastrobin 25%WG (NATIVO) lit ପ୍ରତି 0.5gm ହିସାବରେ ସ୍ପ୍ରେ କରନ୍ତୁ। ୭ ଦିନ ପରେ ଆଉଥରେ ସ୍ପ୍ରେ କରନ୍ତୁ।
- **ବାଇଗଣ ଓ ଟମାଟ :**
- ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।
- ପନିପରିବା ନର୍ସରୀ ଏବଂ ଜମିରେ ଥିବା ଧଳା ମାଛି, ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ପତ୍ରପୋଡା ରୋଗର ଦମନ ପାଇଁ ଏକର ପ୍ରତି ୧ ଲିଟର ପାଣିରେ ୨ ଗ୍ରା (ମେଟାଲାକ୍ସିଲ + ମାଙ୍କୋଯେବ) କିମ୍ବା ୦.୮ ମି.ଲି. ଅଯୋକ୍ସିଷ୍ଟ୍ରୋବିନ ସିଂଚନ କରନ୍ତୁ ।
- ଶୀତ ଦିନିଆ ପନିପରିବା ଯଥା କୋବି , ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୫ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ ।
- ବିଲାତି ବାଇଗଣ ଓ କୋବି ଜାତୀୟ ଫସଲରେ ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୩୦୦ ମି.ଲି. ଲମ୍ବଡା ସାଇହାଲୋଥ୍ରୀନକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଗେଣ୍ଡୁ ଫୁଲ –**

- ଥ୍ରିପ୍ସ, ଆପିଡସ୍, ମାଇଟ୍ସ ଏବଂ ଲିଫ୍ ମାଇନୋରର ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ Difenthurion @ 1g / li କିମ୍ବା ଆବାମେକ୍ଟିନ୍ @ 0.75ml / li ପାଣିରେ ମିଶାଇ ଫସଲକୁ ସ୍ପ୍ରେ କରନ୍ତୁ |
- ଅଷ୍ଟପଦୀ ଆକ୍ରମଣ ଦୃଷ୍ଟିଗୋଚର ହେଲେ୧ ଲିଟର ପାଣି ପ୍ରତି ୨ ମିଲି ପ୍ରୋପାରୋଜାଇଟକୁ ପତ୍ର ସିଂଚନ କରନ୍ତୁ ।
- ପତ୍ର ପୋଡା ରୋଗ ପରିଲିଖିତ ହେଲେ ୧ ଲିଟର ପାଣି ପ୍ରତି ୨ ଗ୍ରାମ (କାରବେଣ୍ଡାଜିମ +ମାଙ୍କୋଜେବ) କୁ ପ୍ରୋୟାଗ କରନ୍ତୁ ।

**ଫଳ –**

- ଅମୃତଭଣ୍ଡା: ଅମୃତଭଣ୍ଡା ରେ ଧଳା ମାଛି ଦମନ ପାଇ NSKE 5% ସିଂଚନ କେନ୍ତୁ।

ଚାଷରେର ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155